# ତହସିଲଦାରଙ୍କ କାର୍ଯ୍ୟାଳୟ, ବାଂଶପାଳ, ଜିଲ୍ଲା- କେନ୍ଦୁଝର

## ଲଘୁଖଣିଜ ଉତ୍ସ ର ଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବାଂଶପାଳ ତହସିଲ କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା 1475 ତା 14-7-2022 ରିଖ ଦ୍ୱାରା ବାଂଶପାଳ ତହସିଲ ଅଧୀନରେ ଥିବା ୧ (ଏକ) କରଗାଡ଼ିହି ପଥର ଖଣି, ୨ (ଦୁଇ) ବେଣିଡ଼ିହି (ପଶ୍ଚିମ) ପଥର ଖଣି ଉତ୍ସ ଗୁଡିକୁ ୨୦୨୨-୨୩ ଆର୍ଥିକ ବର୍ଷ ଠାରୁ ୫(ପାଞ୍ଚ) ବର୍ଷ ନିମନ୍ତେ ନିଲାମ ମାଧମରେ ଲିଜ ଦେବା ପାଇଁ ଇସ୍ତାହାର ପ୍ରକାଶିତ ହୋଇଅଛି । ଏହି ଇସ୍ତାହାର ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ କେନ୍ଦୁଝର ଜିଲ୍ଲା website, www.kendujhar.nic.in ରେ ଉପଲବ୍ଧ ହେବ ଓ ଅନ୍ୟ କୌଣସି ତଥ୍ୟ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲଦାରଙ୍କ କାର୍ଯ୍ୟାଳୟ ଧାର୍ଯ୍ୟ ତାରିଖ ପୂର୍ବରୁ (ଛୁଟିଦିନ ବ୍ୟତୀତ) ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ ।

| | |
|---|---|
| ମୁଦ ଦରଖାସ୍ତର ଅନ୍ତିମ ତାରିଖ | ୦୪. ୦୮. ୨୦୨୨ ଅପରାହ୍ନ ୫.୩୦ ଘଟିକା |
| ଦରଖାସ୍ତ ଉନ୍ମୁଚନ ଓ ତନଖିର ତାରିଖ | ୦୫. ୦୮. ୨୦୨୨ ପୂର୍ବାହ୍ନ ୧୧.୩୦ ଘଟିକା |

TAHASILDAR
BANSPAL

Scanned by CamScanner



# ତହସିଲଦାରଙ୍କ କାର୍ଯ୍ୟାଳୟ, ବାଂଶପାଳ, ଜିଲ୍ଲା- କେନ୍ଦୁଝର

## ବିଜ୍ଞାପନ

ସଂଖ୍ୟା ୧୪୭୫ ତାରିଖ ୧୪-7-2022

## ଲଘୁଖଣିଜ ଉତ୍ସ ର ଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାର ଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ତ ବାଂଶପାଳ ତହସିଲ ଅନ୍ତର୍ଗତ ଅନୁସୂଚି-୧ ରେ ପ୍ରଦତ୍ତ ସୈରାତ ଉତ୍ସ (ଲଘୁଖଣିଜ ଦ୍ରବ୍ୟ) ଗୁଡ଼ିକୁ ଆସନ୍ତା ୫ (ପାଞ୍ଚ ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଲିଜ ରେ ଅଂଶ ଗ୍ରହଣ କରିବାପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ , ଉକ୍ତ ଉତ୍ସ କୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନା ଗମନ ର ସୁବିଧା, ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ ସମ୍ପର୍କ ରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ଆବଶ୍ୟକ । ଲିଜ ନେବାପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ **-2016 (OMMC Rules, 2016)** ରେ ବର୍ଣ୍ଣିତ ଫର୍ମ –ଏମ **(Form-M)** ତିନିକିତା ପୂରଣ କରି ତତ ସହିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଉଉମୁଦ ଲଫାପାରେ ତହସିଲ କାର୍ଯ୍ୟାଳୟ ରେ ଉଦ୍ଦିଷ୍ଟ **Tender Drop Box** ରେ ଆସନ୍ତା ତା ୧୮.୦୭.୨୦୨୨ ରିଖ ଠାରୁ ତା ୦୪.୦୮.୨୦୨୨ ରିଖ ମଧ୍ୟରେ କାର୍ଯ୍ୟ ଦିବସର ସକାଳ ଘ. ୧୦.୦୦ ଟିକା ଠାରୁ ଘ. ୦୫.୦୦ ଟିକା ମଧ୍ୟରେ ପକାଇବା ଆବଶ୍ୟକ। ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ। ଲଫାପା ଉପରେ ଦରଖାସ୍ତ କରୁଥିବା ସୈରାତ ଉତ୍ସର ନାମ ଏବଂ ଦରଖାସ୍ତ କାରୀଙ୍କ ନାମ, ଠିକଣା ଯୋଗାଯୋଗ ନମ୍ବର ଲେଖିବା ଆବଶ୍ୟକ । ତା ୦୫.୦୮.୨୦୨୨ ରିଖ ଦିବା ଘ. ୧୧.୩୦ ଟିକା ସମୟରେ ବାଂଶପାଳ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିବା ଦରଖାସ୍ତ ଗୁଡିକୁ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ ଏବଂ **OMMC Rules, 2016** ଏବଂ **OMMC (Ammendment Rules, 2018 and 2022)** ଅନୁଯାୟୀ ସମସ୍ତ ସର୍ତ୍ତାବଳିକୁ ପୂରଣକରୁଥିବା ଦରଖାସ୍ତ ଗୁଡ଼ିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରିଦିଆଯିବ ।ଯଦି ୧ ରୁ ଅଧିକ ଆବେଦନକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବେ, ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଟେଣ୍ଡର ନିଲାମ ନିମନ୍ତେ ସମସ୍ତ ସର୍ତ୍ତାବଳି ତହସିଲ କାର୍ଯ୍ୟାଳୟ ରେ **(ଛୁଟି ଦିନ ବ୍ୟତିତ)** ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ www.kendujhar.nic.in tender link ରେ ଉପଲବ୍ଧ ହେବ । କୌଣସି କାରଣ ନ ଦର୍ଶାଇ ଲିଜ ସ୍ଥଗିତ / ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଓ ଜିଲ୍ଲାପାଳଙ୍କର ରହିଅଛି ।

Sahu
14/7/22

ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ, ବାଂଶପାଳ

Scanned by CamScanner

# ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

୧. OMMC Rules-2016 ରେ ପ୍ରଦତ୍ତ ଫର୍ମ-ଏମ **(Form - M)** ନିର୍ଭୁଲ ଭାବରେ ( ତିନିକିତା (3 copies) ସ୍ପଷ୍ଟ ପୂରଣ କରି, ଦରଖାସ୍ତକାରୀଙ୍କ ସ୍ୱାକ୍ଷର ଥାଇ ଦାଖଲ କରିବା ଆବଶ୍ୟକ ।

୨. ଦରଖାସ୍ତ ପାଉଣା ବାବଦକୁ ଟ ୧,୦୦୦ (ଏକ ହଜାର ଟଙ୍କା) ମାତ୍ର treasury challan (Head of Account- **0853- Non Ferrous Mining and metallurgical industries-102 Mineral Concession Fees Rents and Royalties)** ଦାଖଲ କରିବେ । ଏହି ଦରଖାସ୍ତ ବାବଦ ପାଉଣା ଫେରସ୍ତ କରାଯିବ ନାହିଁ ।

୩. ଦରଖାସ୍ତକାରୀଙ୍କ ନାମେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ କିମ୍ବା ରାଜସ୍ୱ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ **(Affidavit)** ଦାଖଲ କରିବା ଆବଶ୍ୟକ ।

୪. ଅମାନତ ରାଶି ବା ଇଏମଡ଼ି **(Earnest Money Deposit)** ବ୍ୟାଙ୍କ ଡ୍ରାଫ୍ଟ ହିସାବରେ ତହସିଲଦାର, ବାଂଶପାଳଙ୍କ ନାମରେ ଜମା କରିବେ **(Demand Draft in favour of Tahasildar, Banspal Payable at SBI, Keonjhar)**, ଯାହାର ପରିମାଣ, ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ନିର୍ଧାରିତ ଅତିରିକ୍ତ ଦେୟ ଓ ରୟାଲିଟି ର ଶତକଡା (୫%) ଭାଗ ଦରଖାସ୍ତ ସହ ସଂଲଗ୍ନ କରିବେ । **{EMD-5% of { Minimum Guaranteed Quantity X(Royalty+Addl. Charge)}]**

୫. ପୂର୍ବ ଆର୍ଥିକ ବର୍ଷର ଆୟକର ଦାଖଲ ରିଟର୍ଣ୍ଣ ବିବରଣୀ (Income Tax Return of Previous Financial Year) ଯେଉଁଥିରେ ବାର୍ଷିକ ଆୟ ଯାହାର ସର୍ବନିମ୍ନ ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ (MGQ) ଅନୁସାରେ ଅନୁସୂଚି -୧ ରେ ପ୍ରଦତ୍ତ ରୟାଲିଟି (Royalty) ଓ ଆବେଦନକାରୀ ଦରଖାସ୍ତରେ ଦର୍ଶଯାଇଥିବା ଅତିରିକ୍ତ ଦେୟ (Additional Charge) ମୂଲ୍ୟ ଠାରୁ କମ ହୋଇନଥିବ କିମ୍ବା ୧୮ ମାସ ପର୍ଯ୍ୟନ୍ତ ଥିବା ବ୍ୟଙ୍କ ପ୍ରତ୍ୟାଭୂତି **(Bank Gurantee)** ଯାହାର ସର୍ବନିମ୍ନ ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ (MGQ) ଅନୁସାରେ ଅନୁସୂଚି -୧ ରେ ପ୍ରଦତ୍ତ ରୟାଲିଟି (Royalty) ଓ ଆବେଦନ କାରୀ ଦରଖାସ୍ତରେ ଦର୍ଶଯାଇଥିବା ଅତିରିକ୍ତ ଦେୟ (Additional Charge) ମୂଲ୍ୟ ଠାରୁ କମ ହୋଇନଥିବ ଏବଂ ଏଥିସହିତ ଅନ୍ୟାନ୍ୟ ସ୍ଥାବର ସମ୍ପତି (Immovable Property) ର ବିବରଣୀ ପ୍ରଦାନ କରିବେ । **[ Income Tax Return of Previous Financial Year showing annual income/ Requisite Extent of Bank Guarantee = Minimum Guaranteed Quantity X (Offered Additional Charge + Royalty)]**

୬. **ଆବେଦନକାରୀ ନିଜର GST ରେଜିଷ୍ଟ୍ରି କରଣ ପ୍ରମାଣପତ୍ର ( GST Registration Certificate) ଦରଖାସ୍ତ ସହିତ ସଂଲଗ୍ନ କରିବେ ।**

୭. ଆବେଦନକାରୀଙ୍କ GST ସମ୍ବନ୍ଧୀୟ କୌଣସି ବକେୟା ଦେୟ ନାହିଁ ବୋଲି GST କ୍ଷେତ୍ରାଧିକାରୀଙ୍କ ଠାରୁ ପ୍ରମାଣପତ୍ର ଆଣି ଦାଖଲ କରିବେ ( Bidder to furnish a certificate/letter from the concerned GST jurisdictional officer that no GST dues are pending against such bidders)

୮. ପ୍ରସ୍ତାବିତ ସୈରାତ ଉତ୍ସର ର ତଫସିଲ ସହ ଚୌହଦି ର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।

୯. ଆବେଦନକାରୀ ନିଜର ଆଧାର କାର୍ଡ, ପାନ କାର୍ଡ ଏବଂ ଭୋଟର ପରିଚୟ ପତ୍ରର ନକଲ ସଂଲଗ୍ନ କରିବେ । ଏବଂ ଯୋଗାଯୋଗ ନିମନ୍ତେ Mobile No., Whatsup No. & Email id ଦରଖାସ୍ତ ସହିତ ସଂଲଗ୍ନ କରିବେ।

Scanned by CamScanner

୧୦. ଆବେଦନ କରୁଥିବା ଉତ୍ସ କୁ, ଧାର୍ଯ୍ୟ ଅତିରିକ୍ତ ଦେୟ ତୁଳନାରେ , କେତେ ଅତିରିକ୍ତ ଦେୟରେ ନେବାପାଇଁ ଚାହୁଁ ଛନ୍ତି ତାହା ଉଲ୍ଲେଖ କରିବେ ।

୧୧. ସୈରାତ ଉତ୍ସ ସଂଲଗ୍ନ କୌଣସି ରୟତି ସତ୍ୱରେ ରାସ୍ତା କିମ୍ବା ଜମି ରହିଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି ଥିବା ଦସ୍ତାବିଜ ପଇଠ କରିବେ ।

୧୨. ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ବିବରଣୀ ତଥା ବୈଷୟିକ ଜ୍ଞାନ ଦକ୍ଷତା, ଉପଲବ୍ଧ ଥିବା ଯନ୍ତ୍ରପାତି, ବ୍ୟବହୃତ ହେବାକୁ ଥିବା ଯାନ ଏବଂ ପରିବହନ ବ୍ୟବସ୍ଥା ବାବଦରେ ତଥ୍ୟ ପ୍ରଦାନ କରିବେ ।

୧୩. ଦରଖାସ୍ତକାରୀ ଲଫାପାର ଉପରିଭାଗରେ ବଡ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଦରଖାସ୍ତକାରୀ ଙ୍କ ନାମ, ସମ୍ପୂର୍ଣ୍ଣ ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

୧୪. ଦରଖାସ୍ତ ସହିତ ଉପରୋକ୍ତ କାଗଜାତ / ଦସ୍ତାବିଜ ଦାଖଲ କରିନଥିଲେ ତାହା ବିଜ୍ଞାପନ ସର୍ତ୍ତାବଳୀକୁ ପୂରଣ କରୁନାହିଁ ଏବଂ ଅସଂପୂର୍ଣ୍ଣ ଦରଖାସ୍ତ ବୋଲି ବିବେଚନା କରାଯିବ ।

(ସର୍ତ୍ତାବଳୀର ବିବରଣୀ କେନ୍ଦୁଝର ଜିଲ୍ଲାର website www.kendujhar.nic.in କିମ୍ବା ତହସିଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଉପଲବ୍ଧ ଅଟେ)

## ଚୟନ ପ୍ରକ୍ରିୟା

ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ବିଜ୍ଞାପନ ସର୍ତ୍ତାବଳୀକୁ ପୂରଣ କରୁଥିବା ଏବଂ ସର୍ବାଧିକ ଅତିରିକ୍ତ ଦେୟ ( Additional Charge) ଦର୍ଶାଇଥିବା ଆବେଦନକାରୀଙ୍କୁ ସର୍ବୋଚ୍ଚ ନିଲାମଧାରୀ ଭାବେ ଯୋଗ୍ୟ ବିବେଚିତ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ରୟାଲିଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦାର୍ଶାଇ ଥାଆନ୍ତି ତେବେ ଲଟେରୀ ମାଧମରେ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

## ସର୍ତ୍ତାବଳୀ

୧. ଆବେଦନ କାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୧୬ (OMMC Rules-2016) ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-୨୦୧୮ (OMMC Ammendment Rules, 2018), ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-୨୦୨୨ (OMMC Ammendment Rules, 2022) ଓ Manual of Tahasil Accounts ର ପରିସର ଭୁକ୍ତ ରହିବେ ।

୨. ସର୍ବୋଚ୍ଚ ଅତିରିକ୍ତ ଦେୟ ଦରଜ କରିଥିବା ଆବେଦନ କାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଆବେଦନକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବେ, ତେବେ ଲଟେରୀ ମାଧମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୩. ଯୋଗ୍ୟ ବିବେଚିତ ଆବେଦନ କାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀ ଦ୍ୱାରା ନିର୍ଦ୍ଧାରିତ ଫର୍ମ ( F )ରେ ଜଣାଇଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନ କାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ ସଙ୍ଗେ ସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ଓ ରୋୟାଲିଟି ପରିମାଣର ଏକ ଚତୁର୍ଥାଂଶ ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ଦେୟରୁ **Earnest Money** କୁ ବାଦ ଦେଇ ବଳକାଥିବା ରାଶି ଜମା କରିବେ । ଯାହାକି ବିନା ସୁଧରେ ଅମାନତ ( Security Deposit) ଆକାରରେ ରହିବ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନଦିଅନ୍ତି କିମ୍ବା ଉକ୍ତ ଅମାନତ ରାଶି ଜମା ନ କରନ୍ତି, ତେବେ ୨ୟ ସର୍ବାଧିକ ନିଲାମ ଧାରୀଙ୍କୁ ସୁଯୋଗ ଦିଆଯିବ ।

Scanned by CamScanner

୪. ଲିଜଧାରୀ ଙ୍କୁ ଜମା ଦେୟ ଯଥା Royalty, Dead Rent, Surface Rent, Additional charge, DMF ର ତଥା ଅନ୍ୟାନ୍ୟ ଦେୟର ୨% ଆୟକର **(TDS)** ବାବଦକୁ ଚାଲାଣ ଆକାରରେ ଏବଂ ୧୦% ଜିଲ୍ଲା ଖଣିଜ ପାଣ୍ଠି **(DMF)** ଓ ଶତକଡା ୫ % ପରିବେଶ ପରିଚାଳନା ପାଣ୍ଠିକୁ (EMF) ଧାର୍ଯ୍ୟ ମୂଲ୍ୟର ନିର୍ଦ୍ଧାରିତ ଦେୟ ପଇଠ କରିବାକୁ ପଡିବ ।

୫. ଯଦି ଯୋଗ୍ୟ ବିବେଚିତ ବ୍ୟକ୍ତି ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।

୬. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଇସ୍ତାହାରରେ ଦର୍ଶିତ ଲଘୁ ଖଣି ଖଦାନର ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ର ସୁବିଧା, ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ ସମ୍ପର୍କ ରେ ପର୍ଯ୍ୟବେକ୍ଷଣ କରିବା ପରେ ଲିଜ ରେ ଅଂଶ ଗ୍ରହଣ କରିବେ । ଲିଜ ନେବା ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ, କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୭. ଲିଜ ନିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୮. ଲିଜ ଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ **(OMMC Rules,2016)** ଓ (ସଂଶୋଧନ) ଆଇନ-୨୦୧୮ ଏବଂ ୨୦୨୨**(OMMC Ammendment Rules, 2018 & 2022)** ର ସମସ୍ତ ସର୍ତ୍ତାବଳିକୁ ପାଳନ କରିବାକୁ ବାଧ । ଯଦି ନିଲାମଧାରୀ / ଲିଜଧାରୀ କୌଣସି ଏକ ଆର୍ଥିକ ବର୍ଷର ଦେୟ ଉକ୍ତ ଆର୍ଥିକ ବର୍ଷ ମଧ୍ୟରେ ଦେବାରେ ଖିଲାପ କରନ୍ତି, ତେବେ **OMMC Rule** ଅନୁଯାୟୀ ତାଙ୍କର ଚୁକ୍ତି ଅନୁମତି ପତ୍ର ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।

୯. ପଥର ଖଣି ପାଇଁ ସର୍ବ ନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଘନ ମିଟର ପ୍ରତି ୧୩୦.୦୦ ଟଙ୍କା ଓ ସର୍ବନିମ୍ନ ଅତିରିକ୍ତ ଦେୟ ମୂଲ୍ୟ ଘନ ମିଟର ପ୍ରତି ୨୧୬.୦୦ ଟଙ୍କା ଧାର୍ଯ୍ୟ କରାଯାଇଅଛି ।

୧୦. ସରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବ ନିମ୍ନ ଅତିରିକ୍ତ ଦେୟ **( Minimum Additional Charge)** ଦର ଠାରୁ କମ ଦରରେ ଦରଖାସ୍ତ କରିଥିବା ବ୍ୟକ୍ତି କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନ କରିଥିବା ଦରଖାସ୍ତକାରୀ ଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।

୧୧. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ (୧) ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ, ତେବେ ସେହି ଉତ୍ସ ପାଇଁ ଉକ୍ତ ଦିନ ନିଲାମ କରାଯିବ ନାହିଁ । ବିଜ୍ଞାପନ ରେ ଉଲ୍ଲେଖିତ ପରବର୍ତୀ ତାରିଖରେ ନିଲାମ କାର୍ଯ୍ୟ ସମ୍ପାଦିତ କରାଯିବ କିମ୍ବା ପୁନର୍ବାର ବିଜ୍ଞାପନ ପ୍ରକାଶ କରାଯିବ ।

୧୨. ଲିଜଧାରୀ **Mines Act-1952** ଓ **Explosive Act-1884** ର ସମସ୍ତ ନିୟମ ଓ ନିୟମାବଳୀର ପରିସରଭୁକ୍ତ ରହିବେ ।

୧୩. ଲିଜ ଚୁକ୍ତି ସମ୍ପାଦନା ପରେ ଧାର୍ଯ୍ୟ ଅବଧି ଶେଷ ମଧ୍ୟରେ ଯଦି ଓଡିଶା ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଅନୁସୂଚି-୨ **(Schedule-II)** ରେ ଉଲ୍ଲିଖିତ ଲଘୁ ଖଣିଜ ଦ୍ରବ୍ୟର ଦର ବୃଦ୍ଧି ଘଟେ ତା' ହେଲେ **ଲିଜଧାରୀ ବର୍ଦ୍ଧିତ ଦର ଅନୁଯାୟୀ ରୟାଲଟି ଦର ବୃଦ୍ଧି ତାରିଖ ଠାରୁ ପଇଠ କରିବେ । ଯଦି ଚୁକ୍ତି ପତ୍ର ସମ୍ପାଦନା ଅବଧି ଭିତରେ କୌଣସି ବୃଦ୍ଧି ଘଟିଥାଏ** ତେବେ ଏହା ତାଙ୍କ ପାଇଁ ମଧ୍ୟ ଲାଗୁ ହେବ ।

୧୪. ଲିଜ ପ୍ରଦାନ ପରେ ସୈରାତ ଉତ୍ସ ର କ୍ଷେତ୍ର ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

୧୫. ସର୍ବୋଚ୍ଚ ଦରରେ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଲିଜଧାରୀ ଯଦି ସମସ୍ତ ଦେୟ ଟଙ୍କା ଜମା କରିବାପରେ ବା ଲିଜ ଚୁକ୍ତିନାମା ସମ୍ପାଦନା କରିବାପରେ ମୃତ୍ୟୁ ବରଣ କରନ୍ତି ତେବେ ଉକ୍ତ ଜମା ଚୁକ୍ତିନାମା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ସମ୍ପାଦିତ ହୋଇଛି ବୋଲି ଧରି ନିଆଯିବ ।

Scanned by CamScanner

୧୬. ଲିଜଧାରୀ ସୈରାତ ଉସର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ପ୍ରତିଫଳକ ବୋର୍ଡ ( Display Board ) ତିଆରି ସେଥିରେ ସୈରାତ ଉସ ର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ। ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜଧାରୀ ନିଜ ଖର୍ଚ୍ଚରେ କରିବେ। ଲିଜଧାରୀ ନିଜ ଦାୟିତ୍ୱରେ ପରିବହନ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବେ ।

୧୭. ଯଦି ଏହି ସୈରାତ ଉସର **Mining Plan** ଓ ଅନୁମୋଦନ ପରିବେଶ ମଞ୍ଜୁରୀ (Environmental clearance ) କ୍ଷମତାସମ୍ପନ୍ନ ଅଧିକାରୀଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥାଏ ତେବେ ଉକ୍ତ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚ ରାଶି ଲିଜ ଧାରୀ ବହନ କରିବେ। ଯଦି ଏହି କାର୍ଯ୍ୟ କରାଯାଇନଥାଏ ତେବେ ଲିଜଧାରୀ ପରିବେଶ ମଞ୍ଜୁରୀ ପ୍ରାପ୍ତ ଅନୁମୋଦନ (E.C) ଓ ଲିଜ ଚୁକ୍ତିପତ୍ର (Lease deed) ପରେ କରାଇ ଉସ ପରିଚାଳନା କରିବାକୁ ଯୋଗ୍ୟ ହେବେ। ଏହା ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ବିଜ୍ଞପ୍ତି ସଂଖ୍ୟା ଏସଓ **1533/Dtd. 14. 09. 2006** ଅନୁଯାୟୀ ଉସ ପରିଚାଳନା ପାଇଁ ବାଧ୍ୟତାମୂଳକ ଅଟେ ।

୧୮. **Mining Plan** ରେ ଦର୍ଶାଯାଇଥିବା ବାର୍ଷିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଦେୟ **{ Minimum Guaranteed Quantity X (Royalty+Addl. Charge)}** ତାହା ସହ ଅନ୍ୟାନ୍ୟ ସରକାରୀ ଦେୟ ପଇଠ କରିବେ। ସଂପୂର୍ଣ୍ଣ ରାଶି ପଇଠ ହେଲା ପରେ ଲିଜଧାରୀ **Odisha Registration Act. – 1908 & Stamp Act.- 1899** ଅନୁଯାୟୀ ଆବଶ୍ୟକ ଚୁକ୍ତିପତ୍ର **(Lease Deed)** ନିଜ ଖର୍ଚ୍ଚରେ ସମ୍ପାଦନ କରିବେ । Environment Clearance ତଥା ଖଣି ପରିଚାଳନା ପାଇଁ **Pollution Control Board** ଙ୍କ ଠାରୁ **CTO & CTE** ନିଜ ଖର୍ଚ୍ଚରେ ଆଣି ଦାଖଲ କରିବେ ।

୧୯. ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁଯାୟୀ ସରକାରଙ୍କ ଧାର୍ଯ୍ୟ କରାଯାଇଥିବା ଏବଂ ଲିଜ ମାଧ୍ୟମରେ ଅନୁବନ୍ଧିତ ଦେୟ ସମୟ ମଧ୍ୟରେ ପଇଠ କରିବେ, ନଚେତ ଏହା ଲିଜ ସର୍ତ୍ତାବଳୀର ଅବମାନନା ବୋଲି ଧରାଯିବ ଏବଂ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବ ।

୨୦. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ( CTO) ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉସ ରୁ ଲଘୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।

୨୧. ନିଲାମଧାରୀ ଉତ୍ତୋଳିତ ଲଘୁ ଖଣିଜ ଦ୍ରବ୍ୟ କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।

୨୨. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନ ର ତ୍ରୟମାସିକ ଓ ବାର୍ଷିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

୨୩. ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ରୟାଲଟି ସହ ସର୍ବାଧିକ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

୨୪. ସମ୍ବାଦ ପତ୍ରରେ ଉକ୍ତ ସୈରାତ ର ନିଲାମ ସମ୍ବନ୍ଧୀୟ ଯେତେଥର ବିଜ୍ଞପ୍ତି ପ୍ରକାଶିତ ହୋଇଅଛି, ତାର ପ୍ରକାଶନର ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ।

୨୫. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ତଥା କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ଅଛି ।

୨୬ . କୌଣସି କାରଣ ନ ଦର୍ଶାଇ ନିଲାମ ପରିବର୍ତ୍ତନ ତଥା ବାତିଲ କରିବା କ୍ଷମତା ନିମ୍ନସ୍ୱାକ୍ଷରକାରୀ ତଥା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କେନ୍ଦୁଝର ଙ୍କ ରହିଛି ।

୨୭. ସୈରାତ ଉସ ଓ ନିଲାମ ନିମନ୍ତେ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ରେ (ଛୁଟି ଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ **www.kendujhar.nic.in** tender link ରେ ଉପଲବ୍ଧ ହେବ ।

Bahm 16/7/22

ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ, ବାଂଶପାଳ

Scanned by CamScanner

# ଅନୁସୂଚି-୧

## ସୈରାତ ଉତ୍ସର ବିବରଣୀ

| କ୍ରମିକ ସଂଖ୍ୟା | ଉତ୍ସର ନାମ | ମୌଜା ର ନାମ | ଖାତା ନମ୍ବର | ପ୍ଲଟ ନମ୍ବର | ରକବା (ହେ.) | ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପାଇଁ ଧାର୍ଯ୍ୟ ଥିବା ଖଣିଜ ପଦାର୍ଥର ପରିମାଣ (MGQ) ଘନ ମିଟରରେ | ଲଘୁ ଖଣିଜ ପଦାର୍ଥର ଧାର୍ଯ୍ୟ ରୟାଲିଟି ପ୍ରତି ଘନ ମିଟର (Royalty) | ଧାର୍ଯ୍ୟ ଅତିରିକ୍ତ ଦେୟ ପ୍ରତି ଘନ ମିଟର (Addl Charge) | (EMD) 5% |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧ | କରଙ୍ଗା ଡ଼ିହି ପଥର ଖଣି | କରଙ୍ଗା ଡ଼ିହି | ୭୧ (ଆ. ଅ.ଅ) | ୨୬୧/୧ | ୪.୮୦୦୦ | ୨୧୦୮୦ | ୧୩୦.୦୦ | ୨୧୬.୦୦ | ୩,୬୪,୬୮୪.୦୦ |
| ୨ | ବେଣିଡ଼ିହି (ପଶ୍ଚିମ) ପଥର ଖଣି | ବେଣିଡ଼ିହି | ୮୦ (ଆ. ଅ.ଅ) | ୨୩୫/୧ | ୩.୪୪୦୦ | ୬୦୨୭ | ୧୩୦.୦୦ | ୨୧୬.୦୦ | ୧,୦୪,୨୬୭.୦୦ |

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ,
ବାଂଶପାଳ

Scanned by CamScanner

**ପରିପତ୍ର ସଂଖ୍ୟା** ୧୪୭୬ **ତାରିଖ** ୧୪-7-2022

ଏହାର ଏକକିତା ନକଲ ଜିଲ୍ଲାପାଳ , କେନ୍ଦୁଝର /ଉପ ଜିଲ୍ଲାପାଳ କେନ୍ଦୁଝର ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

**ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ,**
**ବାଂଶପାଳ**

**ପରିପତ୍ର ସଂଖ୍ୟା** ୧୪୭୭ **ତାରିଖ** ୧୪-7-2022

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଂଶପାଳ/ତହସିଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ /ସମସ୍ତ ରାଜସ୍ୱ ନିରୀକ୍ଷକ/ ସମସ୍ତ ପଞ୍ଚାୟତ ଅଧିକାରୀ ଙ୍କ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ କରାଗଲା ।

**ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ,**
**ବାଂଶପାଳ**

**ପରିପତ୍ର ସଂଖ୍ୟା** ୧୪୭୮ **ତାରିଖ** ୧୪-7-2022

ଏହାର ଏକକିତା ନକଲ ସୈରାତ ଉପର ବିବରଣୀ DIO, NIC, Keonjhar ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା। ଉକ୍ତ ବିଜ୍ଞାପନ ର ବହୁଳ ପ୍ରସାର ନିମନ୍ତେ District Website ରେ ପ୍ରଦର୍ଶନ କରିବାକୁ ଅନୁରୋଧ କରାଗଲା।

**ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ,**
**ବାଂଶପାଳ**

Scanned by CamScanner